ଅହମ୍ମଦ ଉମର ସଇଦ ଶେଖ୍

ବନାମ

ଉତ୍ତର ପ୍ରଦେଶ ରାଜ୍ୟ

ନଭେମ୍ବର 21,1996

[ଏମ୍.କେ. ମୁଖାର୍ଜୀ ଏବଂ ଏସ୍.ପି. କୁର୍ଦୁକର, ନ୍ୟାୟମୂର୍ତ୍ତିଦ୍ୱୟ]

*ଆତଙ୍କବାଦୀ ଏବଂ ବାଧାଜନକ କାର୍ଯ୍ୟକଳାପ (ନିବାରଣ) ଅଧିନିୟମ, 1987:*

*ଧାରା 20A (1)— ଏଫ୍.ଆଇ.ଆର୍— ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଅନନୁମୋଦନକୁ ନାକଚ କରିବା ପାଇଁ ପ୍ରାର୍ଥନା— ପୋଲିସ ଉପ ନିରୀକ୍ଷକଙ୍କ ଅଭିଯୋଗ ଆଧାରରେ ଜିଲ୍ଲା ପୋଲିସ ଅଧୀକ୍ଷକଙ୍କ ପୂର୍ବ ଅନୁମୋଦନ ବିନା ଆଇ.ପି.ସି.ର ଧାରା 332, 307 ଏବଂ 427, ଫୌଜଦାରୀ ଆଇନ ସଂଶୋଧନ ଅଧିନିୟମର ଧାରା 7, ଏବଂ ଟାଡ଼ାର ଧାରା 3 ଏବଂ 4 ଅଧୀନରେ ଏଫ୍.ଆଇ.ଆର୍. ନଥିଭୁକ୍ତ କରାଯାଇଥିଲା— ଦର୍ଶାଯାଇଛି, ଏଫ୍.ଆଇ.ଆର୍. କେବଳ ଟାଡା ଅଧୀନରେ ଅପରାଧ ପାଇଁ ନୁହେଁ ବରଂ ଆଇ.ପି.ସି. ଅଧୀନରେ ଅପରାଧ ପାଇଁ ମଧ୍ୟ ନଥିଭୁକ୍ତ କରାଯାଇଥିଲା, ଯେଉଁଥିପାଇଁ ସମ୍ପୃକ୍ତ ପୋଲିସ ଅଧିକାରୀ ଏପରି ଅନୁମୋଦନ ବିନା ଏଫ୍.ଆଇ.ଆର୍. ଦାଖଲ କରିବାକୁ ସକ୍ଷମ ଥିଲେ—ସେହି ପର୍ଯ୍ୟାୟରେ ଧାରା 204A (1) ଅଧୀନରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଅନୁମୋଦନ ଅଭାବରେ ତଦନ୍ତକାରୀ ସଂସ୍ଥାକୁ କେବଳ ଟାଡା ସମ୍ବନ୍ଧୀୟ ଅପରାଧଗୁଡ଼ିକର ତଦନ୍ତ କରିବାର ଅଧିକାରରୁ ବଞ୍ଚିତ କରାଯାଇଥିଲା, କିନ୍ତୁ ଏଫ୍.ଆଇ.ଆର୍. ରେ ଅଭିଯୋଗ କରାଯାଇଥିବା ଅନ୍ୟ ଅପରାଧଗୁଡ଼ିକର ତଦନ୍ତ କରିବାର ଏହାର ବୈଧାନିକ ଅଧିକାର ଥିଲା— ଏହା ବ୍ୟତୀତ, ଏଫ୍.ଆଇ.ଆର୍. ଦାଖଲ ହେବା ପରେ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଠାରୁ ଟାଡ଼ାର ଧାରା 3 ଏବଂ 4 ଯୋଡିବା ପାଇଁ ଅନୁମୋଦନ ଲୋଡ଼ା ଯାଇଥିଲା ଏବଂ ତାଙ୍କୁ ଅନୁମତି ଦିଆଯାଇଥିଲା— ତଦନ୍ତ ସମାପ୍ତ ହେବା ପରେ, ଧାରା 20A (2) ଅଧୀନରେ ଆବଶ୍ୟକ ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ମଞ୍ଜୁରୀ ସହିତ ଦାଖଲ କରାଯାଇଥିବା ଦୋଷାରୋପ ଫର୍ଦ୍ଦ— ଆରୋପ ନାକଚ ହେବା ଯୋଗ୍ୟ ନୁହେଁ ।*

ଫୌଜଦାରୀ ଅପିଲ ଅଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 680/1996 ।

ସିଆର୍‌ଏଲ୍ ମାମଲା ସଂଖ୍ୟା 2/95, ଏଫ୍.ଆଇ.ଆର୍. ସଂଖ୍ୟା 245/94ରୁ ତାରିଖ 31.10.94 ରେ ଉତ୍ପନ୍ନ ମିରଟର ମନୋନୀତ ନ୍ୟାୟାଳୟଙ୍କ ଦ୍ୱାରା 11.4.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ ସୁଶ୍ରୀ ସଙ୍ଗୀତା କୁମାରଙ୍କ ପାଇଁ ଜି.ରାମାସ୍ୱାମୀ, କେ.ଏମ୍.ଏମ୍. ଖାନ, ଡବ୍ଲ୍ୟୁ.ଏ. ଅନସାରୀ ଏବଂ ଶୁଏବ ଅର୍ଶୀ ।

ଉତ୍ତରଦାତା ପାଇଁ ଏ.ଏସ୍. ପୁଣ୍ଡିରଙ୍କ ପାଇଁ ଟି.ଏନ୍. ସିଂହ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅପିଲକାରୀଙ୍କ ଦ୍ୱାରା ଆଇପିସିର ଧାରା 307,332 ଏବଂ 427, ବିଦେଶୀ ଅଧିନିୟମର ଧାରା 14 ଏବଂ ଆତଙ୍କବାଦୀ ଏବଂ ବାଧାଜନକ କାର୍ଯ୍ୟକଳାପ (ନିବାରଣ) ଅଧିନିୟମ, 1987 (ସଂକ୍ଷିପ୍ତରେ 'ଟାଡା') ର ଧାରା 3 ଏବଂ 4 ଅଧୀନରେ ନିଯୁକ୍ତ ବିଚାରପତି, ମିରଟଙ୍କ ଦ୍ୱାରା ତାଙ୍କ ବିରୋଧରେ ପ୍ରସ୍ତୁତ ହୋଇଥିବା ଅଭିଯୋଗକୁ ନାକଚ କରିବା ପାଇଁ ଏହି ଅପିଲ ଦାଖଲ କରାଯାଇଛି ।

ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା, ଶ୍ରୀଯୁକ୍ତ ରାମାସ୍ୱାମୀ ଉପସ୍ଥାପନ କରିଥିଲେ ଯେ, ଅଭିଯୋଗ ସମେତ ଆବେଦନକାରୀଙ୍କ ବିରୋଧରେ ଆରମ୍ଭ ହୋଇଥିବା ସମଗ୍ର କାର୍ଯ୍ୟବିଧି ନାକଚ ହେବା ଯୋଗ୍ୟ, କାରଣ ପ୍ରଥମ ସୂଚନା ବିବୃତି, ଯାହା ଶେଷରେ ଅପିଲକାରୀଙ୍କ ବିରୋଧରେ ଆକ୍ଷେପିତ କାର୍ଯ୍ୟବିଧିରେ ପରିଣତ ହୋଇଥିଲା, ତାହା ଟାଡ଼ାର  ଧାରା 20A (1) ର ସମ୍ପୂର୍ଣ୍ଣ ଉଲ୍ଲଂଘନରେ ଦାଖଲ କରାଯାଇଥିଲା, ଯାହା ବ୍ୟବସ୍ଥା କରେ ଯେ, ଟାଡା ଅଧୀନରେ କୌଣସି ଅପରାଧ ବିଷୟରେ କୌଣସି ସୂଚନା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପୂର୍ବ ଅନୁମୋଦନ ବିନା ପୋଲିସ ଦ୍ୱାରା ନଥିଭୁକ୍ତ କରାଯିବ ନାହିଁ । ତାଙ୍କ ଯୁକ୍ତିକୁ ପ୍ରତିପାଦିତ କରିବା ପାଇଁ ସେ ଆମର ଦୃଷ୍ଟି ଜଣେ ପୋଲିସ ଉପ ନିରୀକ୍ଷକଙ୍କ ଅଭିଯୋଗ ଉପରେ ହୋଇଥିବା ଏଫ୍.ଆଇ.ଆର୍. ଦୃଷ୍ଟି ଆକର୍ଷଣ କରିଛନ୍ତି, ଯାହା ଆଇ ପି ସିର ଧାରା 332, 307 ଏବଂ 427, ଫୌଜଦାରୀ ଆଇନ ସଂଶୋଧନ ଅଧିନିୟମର 7 ଏବଂ ଟାଡ଼ାର  ଧାରା 3 ଏବଂ 4 ଅଧୀନରେ  ଦଣ୍ଡନୀୟ ଅପରାଧ ପାଇଁ  ନଥିଭୁକ୍ତ କରାଯାଇଥିଲା  ।

ଶ୍ରୀ ରାମାସ୍ୱାମୀଙ୍କ ଉପରୋକ୍ତ ଯୁକ୍ତି ଉପରେ ଆମେ ଉତ୍କଣ୍ଠାର ସହ ବିଚାର କରିବା ପରେ, ଆମେ ଏହାକୁ ଗ୍ରହଣ କରିବାରେ ଅସମର୍ଥ ଅଟୁ । ଏହା ନିଶ୍ଚିତ ଭାବରେ ସତ୍ୟ ଯେ, ଯେତେବେଳେ ଉପରୋକ୍ତ ଏଫ୍.ଆଇ.ଆର୍. ନଥିଭୁକ୍ତ କରାଯାଇଥିଲା, ସେତେବେଳେ ଧାରା 20 A (1) ଅଧୀନରେ ଆବଶ୍ୟକ ଅନୁଯାୟୀ ପୁଲିସ ଅଧୀକ୍ଷକଙ୍କ କୌଣସି ପୂର୍ବ ଅନୁମୋଦନ ପ୍ରାପ୍ତ ହୋଇନଥିଲା, କିନ୍ତୁ, ଯେପରି ଉପରେ ଉଲ୍ଲେଖ କରାଯାଇଛି, ଏଫ୍.ଆଇ.ଆର୍. କେବଳ ଟାଡା ଅଧୀନରେ ଅପରାଧ ପାଇଁ ନୁହେଁ, ବରଂ ଭାରତୀୟ ଦଣ୍ଡ ସଂହିତା ଅଧୀନରେ ଅପରାଧ ପାଇଁ ମଧ୍ୟ ନଥିଭୁକ୍ତ କରାଯାଇଥିଲା, ଯେଉଁଥିପାଇଁ ସମ୍ପୃକ୍ତ ପୋଲିସ ଅଧିକାରୀ ଏପରି ଅନୁମୋଦନ ବିନା ଏଫ୍.ଆଇ.ଆର୍. ଦାଖଲ କରିବାକୁ ସକ୍ଷମ ଥିଲେ । ସେହି ପର୍ଯ୍ୟାୟରେ ଟାଡ଼ାର  ଧାରା 20A (1) ଅଧୀନରେ ଆବଶ୍ୟକ ଅନୁଯାୟୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଅନୁମୋଦନର ଅଭାବରୁ କେବଳ ଟାଡା ସମ୍ବନ୍ଧୀୟ ଅପରାଧଗୁଡ଼ିକର ତଦନ୍ତ କରିବା ପାଇଁ ତଦନ୍ତକାରୀ ସଂସ୍ଥାକୁ ଅଧିକାରରୁ ବଞ୍ଚିତ କରାଯାଇଥିଲା, କିନ୍ତୁ ଏଫ୍.ଆଇ.ଆର୍.ରେ ଅଭିଯୋଗ କରାଯାଇଥିବା ଅନ୍ୟ ଅପରାଧଗୁଡ଼ିକର ତଦନ୍ତ କରିବାର ଏହାର ବୈଧାନିକ ଅଧିକାର ରହିଥିଲା, ଯଦି ଏଫ୍.ଆଇ.ଆର୍. କେବଳ ଟାଡା ଅଧୀନରେ ଅପରାଧ କରିବା ପାଇଁ ଦାୟର ହୋଇଥାନ୍ତା, ତେବେ ଆମେ ଶ୍ରୀଯୁକ୍ତ ରାମାସ୍ୱାମୀଙ୍କ ଯୁକ୍ତିକୁ ସ୍ୱୀକାର କରିବାକୁ ନିଜକୁ ରାଜି କରାଇ ପାରିଥାନ୍ତୁ, କିନ୍ତୁ ଏଥିରେ ଅନ୍ୟ ଅପରାଧଗୁଡ଼ିକର ଅଭିଯୋଗ ଥିବାରୁ ଏହା କୁହାଯାଇପାରିବ ନାହିଁ ଯେ, ଏହି ଅପରାଧଗୁଡ଼ିକର ତଦନ୍ତ ପାଇଁ ଚାହୁଁଥିବା ଯେଉଁ ଏଫ୍.ଆଇ.ଆର୍. ଦାବି କରାଯାଇଥିଲା ତାହା ଅବୈଧ ଥିଲା  ।

ଅନ୍ୟ କେତେକ ତଥ୍ୟ ରହିଛି ଯାହା ଉପରେ ଏହି ପର୍ଯ୍ୟାୟରେ ଧ୍ୟାନ ଦେବା ଆବଶ୍ୟକ । ଏଫ୍.ଆଇ.ଆର୍. ଦାଖଲ ହେବା ପରେ, ଅନୁସନ୍ଧାନକାରୀ ସଂସ୍ଥା ନଭେମ୍ବର 21,1994 ରେ ଗାଜିଆବାଦର ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମୁଖରେ ଏକ ପ୍ରାର୍ଥନା କରି, ଟାଡ଼ାର  ଧାରା 3 ଏବଂ 4 ଯୋଡ଼ିବାକୁ ତାଙ୍କ ଅନୁମୋଦନ ମାଗିଥିଲେ କାରଣ ଅନୁସନ୍ଧାନ ସମୟରେ ଅପିଲକାରୀଙ୍କ ସମ୍ପୃକ୍ତି ପ୍ରକାଶ ପାଇଥିଲା । ଆବଶ୍ୟକୀୟ କରାଯାଇଥିବା ଅନୁମୋଦନ ମଞ୍ଜୁର କରାଯାଇଥିଲା ଏବଂ ତଦନ୍ତ ସମାପ୍ତ ହେବା ପରେ, ଟାଡାର ଧାରା 20A(2) ଅଧୀନରେ ଆବଶ୍ୟକ ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ମଞ୍ଜୁରି ସହିତ ତଦନ୍ତ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଥିଲା । ଯେହେତୁ ଅନୁସନ୍ଧାନକାରୀ ସଂସ୍ଥା ଦ୍ୱାରା ନିଆଯାଇଥିବା ଉପରୋକ୍ତ ପଦକ୍ଷେପଗୁଡ଼ିକ ଟାଡ଼ାର  ଧାରା 20-A ର ଉଭୟ ଉପ-ବିଭାଗ (1) ଏବଂ (2) ର ବ୍ୟବସ୍ଥା ସହିତ ସମନ୍ୱିତ, ତେଣୁ ଶ୍ରୀଯୁକ୍ତ ରାମାସ୍ୱାମୀଙ୍କ ଦ୍ୱାରା ଆଲୋଡିତ ଆଧାରରେ ଆପତ୍ତିଜନକ ଅଭିଯୋଗକୁ ରଦ୍ଦ କରାଯାଇପାରିବ ନାହିଁ । ଯେହେତୁ ଏହି ଅପିଲକୁ ସମର୍ଥନ କରି ଅନ୍ୟ କୌଣସି ପ୍ରସଙ୍ଗ ଉଠାଯାଇନାହିଁ, ଆମେ ଏହାକୁ ଖାରଜ କରୁଛୁ ।

ଆର୍.ପି. ଅପିଲକୁ ଖାରଜ କରାଯାଉଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

**ଅନୁବାଦିକା :**

ସସ୍ମିତା  ନାଏକ,  ଓଡ଼ିଶା ଉଚ୍ଚ ନ୍ୟାୟାଳୟ